# Visit of Minister of State for External Affairs, Smt. Meenakashi Lekhi to Colombia and New York (4-9 September 2021)

September 02, 2021

## ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ମୀନାକାଶୀ ଲେଖୀଙ୍କ କଲମ୍ବିଆ ଏବଂ ନ୍ୟୁୟର୍କ ଗସ୍ତ (4-9 ସେପ୍ଟେମ୍ବର 2021)

ସେପ୍ଟେମ୍ବର 02, 2021

ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ (ଏମଓଏସ) ଶ୍ରୀମତୀ ମୀନାକାଶୀ ଲେଖୀ 4-9 ସେପ୍ଟେମ୍ବର 2021 କଲମ୍ବିଆ ଏବଂ ନ୍ୟୁୟର୍କ ଗସ୍ତରେ ଯିବେ। ରାଷ୍ଟ୍ରମନ୍ତ୍ରୀ ଭାବରେ ଏହା ତାଙ୍କର ପ୍ରଥମ ଗସ୍ତ ହେବ।

2. 4-6 ସେପ୍ଟେମ୍ବର କଲମ୍ବିଆ ଗସ୍ତ ସମୟରେ ରାଷ୍ଟ୍ରମନ୍ତ୍ରୀ କଲମ୍ବିଆର ଶୀର୍ଷ ନେତୃବୃନ୍ଦଙ୍କୁ ସାକ୍ଷାତ କରିବେ ଏବଂ କଲମ୍ବିଆର ଉପରାଷ୍ଟ୍ରପତି ତଥା ବୈଦେଶିକ ମନ୍ତ୍ରୀ ଶ୍ରୀମତୀ ମାର୍ଟା ଲୁସିଆ ରାମିରେଜଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ ଏବଂ ପାରସ୍ପରିକ ଆଗ୍ରହର ଆଞ୍ଚଳିକ ତଥା ଆନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ମତ ବିନିମୟ କରିବେ। ସେ ଅଗ୍ରଣୀ ଭାରତୀୟ ଓ କଲମ୍ବିଆ କମ୍ପାନୀ ଏବଂ ଭାରତୀୟ ସମୁଦାୟ ସହିତ ମଧ୍ୟ ବାର୍ତ୍ତାଳାପ କରିବେ।

3. 2019 ରେ ଭାରତ ଏବଂ କଲମ୍ବିଆ ସେମାନଙ୍କର କୂଟନୈତିକ ସମ୍ପର୍କ ସ୍ଥାପନାର 60 ବର୍ଷ ପୂର୍ତ୍ତି ପାଳନ କରିଥିଲେ। ଲାଟିନ୍ ଆମେରିକାରେ କଲମ୍ବିଆ ହେଉଛି ଭାରତର ଏକ ପ୍ରମୁଖ ସହଭାଗୀ ଏବଂ କଲମ୍ବିଆ ସହିତ ଆମର ସମ୍ପର୍କ ବିଶେଷ ଭାବରେ ଅର୍ଥନୈତିକ ଏବଂ ବାଣିଜ୍ୟିକ କ୍ଷେତ୍ରରେ ବୃଦ୍ଧି ପାଇଛି। 2020-21 ରେ କଲମ୍ବିଆ ସହିତ ଦ୍ୱିପାକ୍ଷିକ ବାଣିଜ୍ୟ 2.27 ବିଲିୟନ ଡଲାରରେ ପହଞ୍ଚିଛି, ଯାହାକି କୋଭିଡ-19 ମହାମାରୀ ଦ୍ୱାରା ସୃଷ୍ଟି ହୋଇଥିବା ପରିସ୍ଥିତି ସତ୍ତ୍ୱେ 2019-20 ର 1.85 ବିଲିୟନ ଡଲାର ତୁଳନାରେ ଉଲ୍ଲେଖନୀୟ ବୃଦ୍ଧି ଅଟେ।

4. ରାଷ୍ଟ୍ରମନ୍ତ୍ରୀଙ୍କ କଲମ୍ବିଆ ଗସ୍ତ ଆମର ଦ୍ୱିପାକ୍ଷିକ ସମ୍ପର୍କର ଅଗ୍ରଗତିର ସମୀକ୍ଷା କରିବା ଏବଂ ଏହି ଗୁରୁତ୍ୱପୂର୍ଣ୍ଣ ସହଭାଗୀତାକୁ ଆହୁରି ବିସ୍ତାର ଏବଂ ସୁଦୃଢ କରିବା ପାଇଁ ଏକ ସୁଯୋଗ ପ୍ରଦାନ କରିବ। ଏହା ପୂର୍ବରୁ ଭାରତରୁ ମନ୍ତ୍ରୀସ୍ତରୀୟ ଗସ୍ତ ଅକ୍ଟୋବର 2018 ରେ ଅନୁଷ୍ଠିତ ହୋଇଥିଲା ଯେତେବେଳେ ପୂର୍ବ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଜେନେରାଲ (ଅବସରପ୍ରାପ୍ତ) ଭି କେ ସିଂହ କଲମ୍ବିଆ ଗସ୍ତରେ ଯାଇଥିଲେ।

5. 7-9 ସେପ୍ଟେମ୍ବର ନ୍ୟୁୟର୍କ ଗସ୍ତ ସମୟରେ ରାଷ୍ଟ୍ରମନ୍ତ୍ରୀ ୫ ସେପ୍ଟେମ୍ବର 2021 ରେ ଆୟର୍ଲାଣ୍ଡ ଅଧ୍ୟକ୍ଷତାରେ ଆୟୋଜିତ ହେବାକୁ ଥିବା 'ମିଳିତ ଜାତିସଂଘର ଶାନ୍ତି ରକ୍ଷା କାର୍ଯ୍ୟ' ବିଷୟବସ୍ତୁ ଅନ୍ତର୍ଗତ 'ପରିବର୍ତ୍ତନ' ଉପରେ ମିଳିତ ଜାତିସଂଘ ସୁରକ୍ଷା ପରିଷଦର ମନ୍ତ୍ରୀସ୍ତରୀୟ ଖୋଲା ବିତର୍କରେ ଭାରତର ପ୍ରତିନିଧିତ୍ୱ କରିବେ। ସେ ଜାତିସଂଘର ବରିଷ୍ଠ ନେତୃବୃନ୍ଦଙ୍କୁ ସାକ୍ଷାତ କରିବେ ଏବଂ 'ଆଜାଦିକା ଅମୃତ ମହୋତ୍ସବ' ବା ଭାରତର ସ୍ୱାଧୀନତାର 75 ତମ ବାର୍ଷିକୀ ପାଳନ ଅବସରରେ ନ୍ୟୁୟର୍କର ଭାରତୀୟ ସମୁଦାୟ ସହ ବାର୍ତ୍ତାଳାପ କରିବେ ବୋଲି ଆଶା କରାଯାଉଛି।

**ନୂଆଦିଲ୍ଲୀ**

**ସେପ୍ଟେମ୍ବର 02, 2021**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.